# ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

## ଏମ୍ଏଟିଏ ସଂଖ୍ୟା 53/2009

*ପ୍ରଣତୀ ମିଶ୍ର* .... *ଆବେଦନକାରୀ*

ଶ୍ରୀଯୁକ୍ତ ଏ. କେ. ପଣ୍ଡା, ଅଧିବକ୍ତା

*-ବନାମ -*

*ଶ୍ରୀ ଚନ୍ଦ୍ର ଶେଖର ତ୍ରିପାଠୀ* .... *ଉତ୍ତରଦାତା*

ଶ୍ରୀଯୁକ୍ତ ଏସ୍. ସି. ଦାଶ, ଅଧିବକ୍ତା

**ପୀଠାସୀନ :**
**ମୁଖ୍ୟ ନ୍ୟାୟାଧୀଶ**
**ନ୍ୟାୟମୂର୍ତ୍ତି କେ. ଆର୍. ମହାପାତ୍ର**
**ନ୍ୟାୟମୂର୍ତ୍ତି ଏସ୍. କେ. ପାଣିଗ୍ରାହୀ**

HIGH COURT
ORISSA

**ଆଦେଶ**

**26.09.2023**

ଆଦେଶ ସଂଖ୍ୟା

17. 1. ଆବେଦନକାରୀ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଏ. କେ. ପଣ୍ଡା ଏବଂ ପ୍ରତିବାଦୀଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଏସ୍. ସି. ଦାଶଙ୍କୁ ଶୁଣାଗଲା ।

2. ପାରିବାରିକ ନ୍ୟାୟାଳୟ କିମ୍ବା ବୈବାହିକ ନ୍ୟାୟାଳୟରେ ହୋଇଥିବା ଜମା ପରିଚାଳନା ପାଇଁ ଏକ ପ୍ରକ୍ରିୟା ନିର୍ଦ୍ଧାରଣ କରିବା ପାଇଁ ବୃହତ୍ତର ବିଚାରପୀଠଙ୍କ ନିକଟରେ ଏହି ସନ୍ଦର୍ଭ ଦିଆଯାଇଛି । ***ପ୍ରଣତୀ ମିଶ୍ର ବନାମ ଚନ୍ଦ୍ର ଶେଖର ତ୍ରିପାଠୀ*** ଶୀର୍ଷକରେ ଏମ୍ଏଟିଏ ସଂଖ୍ୟା 53/2009ରେ ବର୍ତ୍ତମାନର ଆବେଦନରେ ତା. 30 ଅଗଷ୍ଟ 2023ରିଖରେ ପାରିତ ହୋଇଥିବା ଆଦେଶକୁ ଏହି ନ୍ୟାୟାଳୟର ଏକ ଖଣ୍ଡପୀଠ ନିମ୍ନମତେ ମନ୍ତବ୍ୟ ଦେଇଛନ୍ତି: -

*"ଏହି ନ୍ୟାୟାଳୟ ପ୍ରତିବାଦୀ- ସ୍ୱାମୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଦାଶଙ୍କ ନିବେଦନକୁ ନଥିଭୁକ୍ତ କରିଛନ୍ତି ଯେ ପ୍ରତିବାଦୀ-ସ୍ୱାମୀ ପରବର୍ତ୍ତୀ ତାରିଖ ସୁଦ୍ଧା ଅଧିକ ଟଙ୍କା 3,50,000/- (ତିନି ଲକ୍ଷ ପଚାଶ ହଜାର ଟଙ୍କା) ପ୍ରଦାନ କରିବାକୁ ଇଚ୍ଛୁକ ଏବଂ ପ୍ରସ୍ତୁତ ଅଛନ୍ତି । ବର୍ତ୍ତମାନ ଆବେଦନଟି କେବଳ ସ୍ଥାୟୀ ଭରଣପୋଷଣ ଦିଗ ମଧ୍ୟରେ ସୀମିତ ବୋଲି ବିଚାର କରି ପ୍ରତିବାଦୀ- ସ୍ୱାମୀ ମଧ୍ୟ ଆବେଦନକାରୀ-ପତ୍ନୀଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଏହି ରାଶି ଜମା କରନ୍ତୁ ।"*

3. ଅନ୍ୟ କେତେକ ଆଦେଶରେ, ଆମେ ଲକ୍ଷ୍ୟ କରିଛୁ ଯେ ଜମା ପଦ୍ଧତି ସମ୍ବନ୍ଧରେ ଭିନ୍ନ ଭିନ୍ନ ନିର୍ଦ୍ଦେଶ ଦିଆଯାଉଛି । ମାମଲାର ସମାଧାନ କିମ୍ବା ଚୂଡାନ୍ତ ନ୍ୟାୟିକ ଆଦେଶ ଆସିବା ପର୍ଯ୍ୟନ୍ତ, ଆମେ ଜମା କରିବା ଏବଂ ଜମାରାଶିର ପରିଚାଳନା ନିମନ୍ତେ ପ୍ରକ୍ରିୟା ସ୍ଥିର କରୁଛୁ ଯାହା ଦ୍ୱାରା ଜମା ଏବଂ ସୁଧ ଉପାଦାନ ର ଅଧିକାର ନିର୍ଦ୍ଧାରିତ କିମ୍ବା ଅପୋଷ ସହମତି ହୋଇଥାଏ । ଯେଉଁଠାରେ ପକ୍ଷମାନଙ୍କ ମଧ୍ୟରେ କୌଣସି ବୁଝାମଣା ହୋଇପାରିବ ନାହିଁ, ସେଠାରେ ନ୍ୟାୟାଳୟ କୌଣସି ପକ୍ଷଙ୍କ ନାମରେ କୌଣସି ଜମା ଗ୍ରହଣ କରିବେ ନାହିଁ । ଏପରି ସ୍ଥିତିରେ, ସମ୍ପୃକ୍ତ ପାରିବାରିକ ନ୍ୟାୟାଳୟ କିମ୍ବା ବୈବାହିକ ନ୍ୟାୟାଳୟ ନାମରେ ଜମା କରାଯିବ । କାର୍ଯ୍ୟାନୁଷ୍ଠାନରେ ଚୂଡ଼ାନ୍ତ ଆଦେଶ ପାରିତ ହେବା ପରେ ମଧ୍ୟ ପକ୍ଷମାନେ ମୀମାଂସା ନିମନ୍ତେ ଏକ ଆବେଦନ ଦାଖଲ କରିପାରିବେ । ପାରିବାରିକ ନ୍ୟାୟାଳୟ କିମ୍ବା ବୈବାହିକ ନ୍ୟାୟାଳୟ ଉଭୟ ପକ୍ଷଙ୍କ ମଧ୍ୟରୁ କାହା ସପକ୍ଷରେ ବି ଏହି ଅର୍ଥରାଶି ପ୍ରଦାନ କରିପାରିବେ । କିନ୍ତୁ, ଯେତେବେଳେ କୌଣସି ବୁଝାମଣା କିମ୍ବା ରାଜିନାମା ହୋଇନଥାଏ, ସେତେବେଳେ ପାରିବାରିକ ନ୍ୟାୟାଳୟ କିମ୍ବା ବୈବାହିକ ନ୍ୟାୟାଳୟ  ଯେପରି ଆମେ ଦୋହରାଇଛୁ ଯେ, ପକ୍ଷମାନଙ୍କ ନାମରେ କୌଣସି ଜମା ଗ୍ରହଣ କରିବେ ନାହିଁ । ନ୍ୟାୟାଳୟ ନାମରେ ଜମା କରାଯିବ । ଏହି ଜମାର ପରିଚାଳନା ଏକ ଜାତୀୟକରଣ ହୋଇଥିବା ବ୍ୟାଙ୍କରେ ମିଆଦୀ ଜମା ଦ୍ୱାରା କରାଯିବ, ଯାହା ସର୍ବାଧିକ ସୁଧ ଆଣିବ କିମ୍ବା ପ୍ରଦାନ କରିବ

ଏବଂ ଉକ୍ତ ଅବଧି ପାଇଁ ନ୍ୟାୟାଳୟ ଦ୍ୱାରା ନମନୀୟ ସମାପ୍ତି ସହିତ ନିଷ୍ପତ୍ତି ନେବେ । ବିବାଦର ଶେଷରେ ସମାଧାନ ହେବା ପରେ କିମ୍ବା ସମ୍ପୃକ୍ତ ନ୍ୟାୟାଳୟ କିମ୍ବା ପାରିବାରିକ ନ୍ୟାୟାଳୟ କିମ୍ବା ବୈବାହିକ ନ୍ୟାୟାଳୟ ଆଦେଶ ଦ୍ୱାରା ବିଚାରର ନ୍ୟାୟ ନିର୍ଣ୍ଣୟ କରାଯିବା ପରେ, ଉପାର୍ଜିତ ସୁଧ ସହିତ  ଉକ୍ତ ରାଶିକୁ ମୁକ୍ତ କରାଯିବ । ଏହି ଉଦ୍ଦେଶ୍ୟରେ, ପାରିବାରିକ ନ୍ୟାୟାଳୟ କିମ୍ବା ବୈବାହିକ ନ୍ୟାୟାଳୟ, ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ ଦ୍ୱାରା ବର୍ତ୍ତମାନ ଅନୁସରଣ କରାଯାଉଥିବା ପ୍ରକ୍ରିୟା ଅନୁସରଣ କରି ଏକ ସ୍ୱତନ୍ତ୍ର ଜମାଖାତା ଖୋଲିବେ ।

4. ନଥିଭୁକ୍ତ ହେବା ପୂର୍ବରୁ, ଆମେ ଟିପ୍ପଣୀ ଦେବାକୁ ଚାହୁଁ ଯେ ସମାନ ଖଣ୍ଡପୀଠ ଦ୍ୱାରା ଦୁଇଟି ପରସ୍ପର ବିରୋଧୀ ଆଦେଶ ଆମ ଦୃଷ୍ଟିକୁ ଅଣାଯାଇଛି । ଗୋଟିଏକୁ ପାରିବାରିକ ନ୍ୟାୟାଳୟ ଏବଂ ବୈବାହିକ ନ୍ୟାୟାଳୟ ମାନଙ୍କୁ ପ୍ରସାର କରିବାକୁ ପଠାଇବା ପାଇଁ ଚିହ୍ନିତ କରାଯାଇଛି । ଏଭଳି ଅମେଳ ନିର୍ଦ୍ଦେଶ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ତେଣୁ, ବୈବାହିକ କିମ୍ବା ଭରଣପୋଷଣ ମକଦ୍ଦମା ଆଦିରେ ଜମା ରାଶିର ଦକ୍ଷ ଏବଂ ଲାଭଦାୟକ ପନ୍ଥାରେ ପରିଚାଳନା ସ୍ଥିର କରିବା ପାଇଁ ବୃହତ ବିଚାରପୀଠକୁ ଏହି ସନ୍ଦର୍ଭ ଦିଆଯାଇଛି ।

5. ଏକ ରାୟର ପ୍ରସାର ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସ୍ଥାୟୀ କମିଟି ଦ୍ୱାରା ଏକ ପ୍ରଚଳିତ କାର୍ଯ୍ୟପନ୍ଥା ନିର୍ଦ୍ଦେଶ ଗ୍ରହଣ କରାଯାଇଛି । ଉକ୍ତ ପ୍ରଚଳିତ କାର୍ଯ୍ୟପନ୍ଥାର ନିର୍ଦ୍ଦେଶ ନିମ୍ନରେ ଦିଆଗଲା:

> *"ଏହା ମଧ୍ୟ ନିର୍ଦ୍ଧାରିତ ଯେ ଯଦି କୌଣସି ମାନ୍ୟବର ବିଚାରପତିଙ୍କ ଦ୍ୱାରା କୌଣସି ମାମଲାରେ ରାୟ ପ୍ରସାରିତ ହେବା ଆବଶ୍ୟକ ବୋଲି ଜଣାପଡ଼େ, ତେବେ ସେହି କ୍ଷେତ୍ରରେ ଏହାର ପ୍ରସାର ସମ୍ବନ୍ଧୀୟ ନ୍ୟାୟିକ ଆଦେଶ ପାରିତ କରିବା ପରିବର୍ତ୍ତେ, ପ୍ରଶାସନିକ ପକ୍ଷର ଆବଶ୍ୟକ କାର୍ଯ୍ୟ କରିବା ପାଇଁ ମୁଖ୍ୟ ନ୍ୟାୟାଧୀଶଙ୍କ ଦୃଷ୍ଟିକୁ ପ୍ରସଙ୍ଗଟି ଅଣାଯାଇପାରିବ ।"*

HIGH COURT ORISSA

6. ଉକ୍ତ ପ୍ରସ୍ତାବର ଉଦ୍ଧୃତାଂଶକୁ ପ୍ରସାର କରାଯାଇଥିଲା । ଯେହେତୁ ଉକ୍ତ ପ୍ରସ୍ତାବଟି ଉପଲବ୍ଧ ନଥିମାନଙ୍କ ମଧ୍ୟରେ ଉପଲବ୍ଧ ନାହିଁ, ଆମେ ଉକ୍ତ ପ୍ରଚଳିତ କାର୍ଯ୍ୟପଦ୍ଧତି ପାଳନ ପାଇଁ ନିର୍ଦ୍ଦେଶ ବାହାର କରିଛୁ । ଯଦି ଉକ୍ତ ପ୍ରଚଳିତ କାର୍ଯ୍ୟପନ୍ଥା ନିର୍ଦ୍ଦେଶକୁ ଅନୁସରଣ କରାଯାଏ ଏବଂ ପାଳନ କରାଯାଏ, ତେବେ ବିଭିନ୍ନ ରାୟର ବିବିଧ ଦିଗରେ ପ୍ରସାରକୁ ଏଡ଼ାଯାଇପାରିବ ।

7. ଉପରୋକ୍ତ ପରିପ୍ରେକ୍ଷୀରେ, ଏହି ସନ୍ଦର୍ଭଟିର ଉତ୍ତର ଦିଆଯାଇଛି ଏବଂ ଏହାର ସମାଧାନ କରାଯାଇଛି ।

*(ଏସ୍. ତାଳପତ୍ର)*
*ମୁଖ୍ୟ ନ୍ୟାୟାଧୀଶ*

*(କେ. ଆର୍. ମହାପାତ୍ର)*
*ନ୍ୟାୟମୂର୍ତ୍ତି*

*(ଏସ୍. କେ. ପାଣିଗ୍ରାହୀ)*
*ନ୍ୟାୟମୂର୍ତ୍ତି*

*ଏସ୍. କେ. ଗୁଇଁ*

HIGH COURT
सत्यमेव जयते
ORISSA

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : - ଭବାନୀ ଶଙ୍କର ନାୟକ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**